**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**17 August - 2024**

**News Editor : *Itishree Singh Rathaur***

## ବିଧାୟକଙ୍କ ପ୍ରଶିକ୍ଷଣ ଶିବିର

ରାଜ୍ୟରେ ନବନିର୍ବାଚିତ ବିଧାୟକଙ୍କ ପାଇଁ ଆଜିଠାରୁ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେଉଛି । ନବ ନିର୍ବାଚିତ ବିଧାୟକମାନଙ୍କୁ ବିଧାନସଭାର କାର୍ଯ୍ୟକଳାପ ସହ ବିଭିନ୍ନ ବିଷୟରେ ଗୃହର ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଭାଗ ନେବା ଉପରେ ପ୍ରଶିକ୍ଷଣ ଦିଆଯିବ । କେନ୍ଦ୍ର ସଂସଦୀୟ ବ୍ୟପାର ମନ୍ତ୍ରୀ କିରଣ ରିଜିଜୁଙ୍କ ସମେତ କଟକ ଓ ସୁନ୍ଦରଗଡ ସାଂସଦ ଏବଂ ସଂସଦୀୟ ବ୍ୟାପାରରେ ଅଭିଜ୍ଞତା ଥିବା ବ୍ୟକ୍ତିବିଶେଷଙ୍କୁ ପ୍ରଶିକ୍ଷଣ ଶିବିରରେ ତାଲିମ ଦେବା ପାଇଁ ବିଧାନସଭା ପକ୍ଷରୁ ନିମନ୍ତ୍ରଣ କରାଯାଇଛି । ସୂଚନା ଅନୁସାରେ ଚଳିତଥର ବିଜେପିରୁ ସର୍ବାଧିକ ୫୪ ଜଣ ନବାଗତ ବିଧାୟକ ଥିବା ବେଳେ ବିଜେଡ଼ିରୁ ୧୮, କଂଗ୍ରେସରୁ ୯ ଓ ୩ ଜଣ ସ୍ୱାଧୀନ ନବନିର୍ବାଚିତ ବିଧାୟକ ଅଛନ୍ତି ।

## ଡାକ୍ତର-କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ

ଡାକ୍ତରମାନଙ୍କ ବିରୋଧରେ ହିଂସାକାଣ୍ଡ ଘଟିଲେ ୬ ଘଣ୍ଟା ମଧ୍ୟରେ ମାମଲା ରୁଜୁ କରିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦେଶର ସମସ୍ତ ସ୍ୱାସ୍ଥ୍ୟସେବା ଅନୁଷ୍ଠାନ ଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । କେନ୍ଦ୍ର ସରକାରଙ୍କର ନିର୍ଦ୍ଦେଶ ଅନୁସାରେ ଡାକ୍ତର ଏବଂ ରୋଗୀଙ୍କୁ ସେବା ଦେଉଥିବା ବ୍ୟକ୍ତିବିଶେଷଙ୍କୁ ସୁରକ୍ଷା ଦେବାରେ ସ୍ୱାସ୍ଥ୍ୟସେବା ଅନୁଷ୍ଠାନଗୁଡ଼ିକର ମୁଖ୍ୟ ଦାୟିତ୍ୱ ରହିଛି । କୋଲକାତା ସମେତ ଦେଶର

କେତେକ ସ୍ଥାନରେ ଡାକ୍ତରମାନେ ସେମାନଙ୍କର ସୁରକ୍ଷାକୁ ନେଇ ଆନ୍ଦୋଳନ ଜାରି ରଖିଥିବା ପରିପ୍ରେକ୍ଷୀରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି ।

## ଖାଦ୍ୟ ଯୋଗାଣ ମନ୍ତ୍ରୀ

ସାଧାରଣ ବଣ୍ଟନ ନିମନ୍ତେ ଚାଉଳ ବାବଦକୁ ବକେୟା ଟଙ୍କା ଦେବାପାଇଁ କେନ୍ଦ୍ର ଖାଦ୍ୟ ଯୋଗାଣ ଓ ସାଧାରଣ ବଣ୍ଟନ ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ସମ୍ପ୍ରତି ଜଣାଇଛନ୍ତି । ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟୀ କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନୂଆଦିଲ୍ଲୀରେ ଶ୍ରୀ ଯୋଶୀଙ୍କୁ ସାକ୍ଷାତ୍ କରି ଏହି ବାବଦରେ ବକେୟା ଅର୍ଥ ଦେବାପାଇଁ ଅନୁରୋଧ କରିଥିଲେ । ଏହାସହିତ ସମୁଦାୟ ଚାଉଳ ଯୋଗାଣର ୨୦ ପ୍ରତିଶତ ଗହମ ଏବଂ ଚାଉଳ ସଂରକ୍ଷଣ ପାଇଁ ଗୋଦାମଘର ତିଆରି କରିବା ପାଇଁ ଶ୍ରୀ ପାତ୍ର କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ କରିଥିବା ଜଣାପଡିଛି ।

## ତୈଳ ନିଗମ ନିର୍ଦ୍ଦେଶକ

ରାଜ୍ୟରେ ବିକାଶ ପାଇଁ ଭାରତୀୟ ତୈଳ ନିଗମ ପକ୍ଷରୁ ନିଆଯାଉଥିବା ସମସ୍ତ ପ୍ରକାର କାର୍ଯ୍ୟକୁ ରାଜ୍ୟ ସରକାର ସହଯୋଗ କରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି । ଭାରତୀୟ ତୈଳ ନିଗମ ନିର୍ଦ୍ଦେଶକ ସୁଜୟ ଚୌଧୁରୀ ଗକାଲି ଭୁବନେଶ୍ୱର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରି ତୈଳ ନିଗମ ପକ୍ଷରୁ ରାଜ୍ୟରେ ପ୍ରତିଷ୍ଠା ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ଅବଗତ କରାଇଥିଲେ ।

## ସମାବର୍ତ୍ତନ ଉତ୍ସବ

ଓଡ଼ିଶା ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟର ୧୧ତମ ସମାବର୍ତ୍ତନ ଉତ୍ସବ ଆଜି ଅନୁଷ୍ଠିତ ହେବ। କଟକସ୍ଥିତ ବିଶ୍ୱବିଦ୍ୟାଳୟର କାଠଯୋଡି କ୍ୟାମ୍ପସ୍‌ରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ସୁପ୍ରିମ୍‌କୋର୍ଟ ବିଚାରପତି ଜଷ୍ଟିସ୍ ସଞ୍ଜୀବ ଖାନ୍ନା, ଓଡ଼ିଶା ହାଇକୋର୍ଟର ମୁଖ୍ୟବିଚାରପତି ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂ, ଓଡ଼ିଶା ହାଇକୋର୍ଟର ଅନ୍ୟ ବିଚାରପତିଙ୍କ ସମେତ ଆଇନଜୀବୀ, ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଯୋଗଦେବେ। 'ସର୍ବମ୍ ଏଆଇ'ର ସହପ୍ରତିଷ୍ଠାତା ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେବେ। ସମାବର୍ତ୍ତନ ଉତ୍ସବରେ ଛାତ୍ରଛାତ୍ରୀମାନଙ୍କୁ ଡି.ଲିଟ୍, ପିଏଚ୍‌ଡି, ସହିତ ଅନ୍ୟ ଉପାଧି ଦିଆଯିବ।

## ମୁକ୍ତିଗୀତିକା-ଆକାଶବାଣୀ

ଆକାଶବାଣୀ କଟକ କେନ୍ଦ୍ର ଆଜି ସନ୍ଧ୍ୟା ୬ଟା ୩୦ ମିନିଟ୍‌ରେ କଟକ କଳାବିକାଶ କେନ୍ଦ୍ରରେ 'ମୁକ୍ତି ଗୀତିକା'ର ଆୟୋଜନ କରିବ। ଏହି କାର୍ଯ୍ୟକ୍ରମରେ ଓଡ଼ିଶୀ, ହିନ୍ଦୁସ୍ତାନୀ, ଭକ୍ତି ତଥା ପଲ୍ଲୀଗୀତର ସୁମଧୁର ସଙ୍ଗମ ପରିବେଷଣ କରାଯିବ। କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ପୁରସ୍କୃତ କଣ୍ଠଶିଳ୍ପୀ ଡକ୍ଟର ସଙ୍ଗୀତା ଗୋସାଇଁଙ୍କ କଣ୍ଠରେ ଓଡ଼ିଶୀ ସଙ୍ଗୀତ ଗାୟନ, ଲକ୍ଷ୍ମୀପ୍ରିୟା ନାୟକଙ୍କ ଚଇତି, ଦାଦରା, ଠୁମ୍‌ରୀ, ଅନ୍ତରା ଚକ୍ରବର୍ତ୍ତୀ ଏବଂ କରୁଣାକର ସେଠୀଙ୍କ ପଲ୍ଲୀ ଓ ଦେଶଭକ୍ତି ଗୀତ ଏବଂ ପ୍ରତିଷ୍ଠିତ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ସମବେତ ଦେଶ ବନ୍ଦନା ଗାନ କରାଯିବ।

## ଜମି ଯୋଗାଣ

ରାଜ୍ୟର ସମସ୍ତ ଜିଲ୍ଲାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଏବଂ ଆଇନ୍ ଅନୁଯାୟୀ ଯୋଗ୍ୟ ବିବେଚିତ ସମସ୍ତ ଘରଡିହ ନଥିବା ପରିବାରଙ୍କୁ ବାସପଯୋଗୀ ଜମି ଯୋଗାଇଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏହି ପରିପ୍ରେକ୍ଷୀରେ କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ଆରମ୍ଭ କରାଯାଇଛି । ରାଜସ୍ୱ ନିରୀକ୍ଷକ ଓ ଅତିରିକ୍ତ ରାଜସ୍ୱ ନିରୀକ୍ଷକମାନେ ପ୍ରତ୍ୟେକ ଗ୍ରାମକୁ ଗସ୍ତ କରି ଘରଡିହ ନଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରିବା ସହିତ ସେମାନଙ୍କଠାରୁ ଆବେଦନପତ୍ର ଗ୍ରହଣ କରିବେ ।

## ଓର୍‌ମାସ ରାକ୍ଷୀ ବଜାର

ଓର୍‌ମାସ ପକ୍ଷରୁ ଭୁବନେଶ୍ୱରର ଗ୍ରାମ୍ୟ ଉନ୍ନୟନ ପଞ୍ଚାୟତିରାଜ ପ୍ରତିଷ୍ଠାନ କାର୍ଯ୍ୟାଳୟ ସମ୍ମୁଖରେ 'ଓର୍‌ମାସ ରାକ୍ଷୀ ବଜାର' ଖୋଲାଯାଇଛି । ଖୋର୍ଦ୍ଧା, କଟକ, ମୟୂରଭଞ୍ଜ, କେନ୍ଦ୍ରାପଡା, କେନ୍ଦୁଝର, ଗଞ୍ଜାମ, ରାୟଗଡା, ବରଗଡ ଓ ବାଲେଶ୍ୱର ଆଦି ୯ଟି ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଉତ୍ପାଦିକା ଗୋଷ୍ଠୀମାନଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପ୍ରକାରର ହାତତିଆରି ଜୈବବିଘଟନ ଅନୁକୂଳ ରାକ୍ଷୀ ସୁଲଭ ମୂଲ୍ୟରେ ବିକ୍ରି ହେଉଛି ।  ଗତକାଲିଠାରୁ ଆରମ୍ଭ ହୋଇଥିବା ଓରମାସ୍ ରାକ୍ଷୀ ବଜାର ଆସନ୍ତା ସୋମବାର ପର୍ଯ୍ୟନ୍ତ ଖୋଲାରହିବ ।

## ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ପାଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଉପକୂଳରେ ସୃଷ୍ଟ ଲଘୁଚାପର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ଲାଗି ରହିଛି । ପାଣିପାଗ ବିଭାଗର ସୂଚନା ଅନୁସାରେ ଆଜି ଝାରସୁଗୁଡା,

ସମ୍ବଲପୁର, ଦେବଗଡ, ବରଗଡ, ନୂଆପଡା, ବଲାଙ୍ଗିର, ବୌଦ୍ଧ, ସୁବର୍ଣ୍ଣପୁର, ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର ଏବଂ ଭଦ୍ରକ ଜିଲ୍ଲାର କେତେକ ସ୍ଥାନରେ ଅତିପ୍ରବଳ ବର୍ଷାର ସମ୍ଭାବନା ଅଛି । ଆସନ୍ତା ୩ ଦିନ ପର୍ଯ୍ୟନ୍ତ ପଶ୍ଚିମ ଓଡ଼ିଶାର କେତେକ ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ୧୪ଟି ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସତର୍କ ରହିବା ପାଇଁ କୁହାଯାଇଛି । ଗତ ୨୪ଘଣ୍ଟା ମଧ୍ୟରେ ଯାଜପୁର ଜିଲ୍ଲାର ଜେନାପୁରଠାରେ ୧୫୦ ମିଲିମିଟର ବର୍ଷା, ଗଞ୍ଜାମ ଜିଲ୍ଲାର ବେଲଗୁଣ୍ଠାଠାରେ ୧୨୯ ଦଶମିକ ୪, ରାୟଗଡା ଜିଲ୍ଲାର ଗୁଡାରୀଠାରେ ୧୨୮ ଦଶମିକ ୬ ଏବଂ କେନ୍ଦୁଝର ଜିଲ୍ଲାର ତେଲକୋଇଠାରେ ୧୨୬ ଦଶମିକ ୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।